SAMBAD
ସମ୍ବାଦ
୧୬ ମଙ୍ଗଳବାର, ୨୬ ଜୁଲାଇ ୨୦୧୬, ଭୁବନେଶ୍ୱର

# ଆଇଆଇଟି ଭୁବନେଶ୍ୱରରେ ଖୋଲିଲା ଷ୍ଟାର୍ଟ ଅପ୍ ସେଣ୍ଟର

ଭୁବନେଶ୍ୱର,୨୬।୭ (ଇମିସ): ଆଇଆଇଟି ଭୁବନେଶ୍ୱରରେ ପକ୍ଷରୁ ଏକ ଷ୍ଟାର୍ଟ ଅପ୍ ସେଣ୍ଟର ଉଦଘାଟିତ ହୋଇଛି। ଏଠାରେ ଉଦ୍ୟୋଗୀମାନଙ୍କୁ ପ୍ରାରମ୍ଭିକ ବ୍ୟବସାୟ କରିବା ପାଇଁ ସବୁ ପ୍ରକାରର ଭିତ୍ତିଭୂମି ଯୋଗାଇ ଦିଆଯିବ। ଇଣ୍ଟରନେଟଠାରୁ ଆରମ୍ଭ କରି ଲାଇବ୍ରେରି, ହଷ୍ଟେଲ, କାର୍ଯ୍ୟାଳୟ ପାଇଁ ଘର ଆଦି ଯୋଗାଇ ଦିଆଯିବ। ଏଥିପାଇଁ ବଜାର ତୁଳନାରେ ବହୁତ କମ୍ ଦେୟ ଦେବାକୁ ହେବ। ପ୍ରତ୍ୟେକ ବର୍ଷ ୧୦ଟି ଲେଖାଏଁ ଫାର୍ମ ଓ ଅନୁଷ୍ଠାନକୁ ଷ୍ଟାର୍ଟ ଅପ୍ ସେଣ୍ଟରରେ ସାମିଲ୍ କରିବାକୁ ଆଇଆଇଟି ଭୁବନେଶ୍ୱର କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଛନ୍ତି। ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି ରାଜାକୁମାର ଏହି ଷ୍ଟାର୍ଟ ଅପ୍ ସେଣ୍ଟରର ଉଦଘାଟନ କରି କହିଛନ୍ତି ଯେ, ଆମେ ଏଠାରେ ନୂଆ ଉଦ୍ୟୋଗୀମାନଙ୍କ ପାଇଁ ସମସ୍ତ ପ୍ରକାରର ସୁବିଧା ସୁଯୋଗ ଉପଲବ୍ଧ କରାଇବୁ। ପ୍ରତ୍ୟେକ ବର୍ଷ ୧୦ଟି ଲେଖାଏଁ ସଂସ୍ଥାକୁ ଆମେ ପ୍ରୋତ୍ସାହିତ କରିବୁ। ଏଥିପାଇଁ ସଂସ୍ଥା ପିଛା ଅଢ଼େଇ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇ ଦେବୁ ବୋଲି ପ୍ରଫେସର ରାଜାକୁମାର କହିଛନ୍ତି।

ସୂଚନାଯୋଗ୍ୟ ଯେ, ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ବିଭାଗ ଏବଂ ମାନବ ସମ୍ବଳ ମନ୍ତ୍ରଣାଳୟର ସହଯୋଗରେ ଦେଢ଼ କୋଟି ଟଙ୍କା ବ୍ୟୟରେ ଏହି ଷ୍ଟାର୍ଟ ଅପ୍ ସେଣ୍ଟର ଖୋଲାଯାଇଛି। ଏବେ ସାମନ୍ତପୁରୀ ଏବଂ ତୋଷାଳି କ୍ୟାମ୍ପସରେ ଏହି ସୁବିଧା ସୁଯୋଗ ଉପଲବ୍ଧ ହେବ।